
ଗଜସ୍ତୁତି

ଶ୍ରୀମଦ୍ଭାଗବତ ଅନ୍ତର୍ଗତ ।



ଶ୍ରୀ ବାଇଧର ପଣ୍ଡାଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।



PRINTED BY R. C. PAUL, AT THE
INDIA PRESS
24. MIDDLE ROAD, ENTALLY, CALCUTTA.

1918.

ମୂଲ୍ୟ ଦୁଇ ପଇସା ମାତ୍ର ।

ଗଜସ୍ତୁତି



ଦ୍ୱାରକାପୁରେ ଶ୍ରୀବନମାଳୀ । ସମସ୍ତ ଯାଦବ ବସାଇ ॥
ଆପଣେ ପ୍ରଭୁ ଯଦୁପତି । ସାରିଲେ ଦେବାର୍ଚ୍ଚନ ନୀତି ॥
ଉଦ୍ଧବ ମୁଖକୁ ଅନାଇ । ବୋଲନ୍ତି ବ୍ରହ୍ମାଣ୍ଡ ଗୋସାଇଁ ॥
ଶୁଣ ଉଦ୍ଧବ ଜ୍ଞାନସାର । ତୁ ଯେଣୁ ଭକତ ମୋହର ॥
ଆତଙ୍କେ ଯେ ମୋତେ ଡାକଇ । ମୁଁ ତାକୁ ବିପଦୁଁ ତାରଇ ॥
ଗଜ ମୋକ୍ଷଣ ନାମ ମୋର । ମୁହିଁ ସେ ଦୁଃଖିଙ୍କ ସାର ॥
ଉଦ୍ଧବ ବୋଲଇ ଗୋସାଇଁ । ଏମନ୍ତ ପଚାରୁଛି ମୁହିଁ ॥
ଗଜର ପଡ଼ିଲା ବିପତ୍ତି । କିସ ତୁ କଲ ଯଦୁପତି ॥
କହୁଯେ ନିସ୍ତାରିଲ ଗଜ । ମୋ ଆଗେ କହ ଦେବରାଜ ॥
କହନ୍ତି ପ୍ରଭୁ ଚକ୍ରଧର । ଶୁଣ ହେ ଭକତ ମୋହର ॥

ସୂର ନାମ ନଦୀ ତଟରେ । ଦକ୍ଷିଣ ସମୁଦ୍ର କୂଳରେ ॥
ବୈଶାଖ ଏକାଦଶୀ ଦନ । କୂଅର ମାଡ଼ିଲାକ ପୁଣ ॥
ସେଜଳେ ଯେତେ ଜୀବଥିଲେ । ଥୋକାଏ କୂଅରେ ଉଠିଲେ
ମଛ ଯେ କଚ୍ଛପ ମଗର । ଏ ଆଦି ଯେତେ ଜଳଚର ॥
ସମସ୍ତେ କୂଅରେ ଉଠିଲେ । ଦ୍ୱାଦଶ ଯୁଗ ଯାଏ ଗଲେ ॥
ଦ୍ୱକର୍ମା ନାମେଣ କୁମ୍ଭୀର । ପଛେ ସେ ହୋଇଲା ବାହାର ॥
କୁମ୍ଭୀର ଜଳରେ ଉଠନ୍ତେ । କୂଅର ଛଡ଼େ ଶୀଘ୍ରଗତେ ॥
ଜଳ ଅଳପ ଯହୁଁ ହେଲା । କୁମ୍ଭୀର ପାଟି ବସାଇଲା ॥
ମତ୍ସ୍ୟ କଚ୍ଛପ ଯେ ଆସନ୍ତି । କୁମ୍ଭୀର ତୁଣ୍ଡରେ ପଶନ୍ତି ॥
ଏମନ୍ତେ ଅଷ୍ଟ ସୁଷ୍ଟ ହୋଇ । ସୁଖେ ସେ ଆହାର କରଇ ॥
ଷଷ୍ଠ କୋଶ ପର୍ଯ୍ୟନ୍ତେ ଗଲା । ତେଣିକି ଯାଇ ନ ପାରିଲା ॥
ତକ୍ଷଣେ ଛଡ଼ିଲା କୂଅର । କୂଳରେ ରହିଲା କୁମ୍ଭୀର ॥
ନ୍ର [illegible]ଣ ତାର ନାହିଁ । ଆତଙ୍କେ କୁମ୍ଭୀର ଲୋଟଇ ॥
ସ୍ମଲବେ ଗ୍ରୀଷମର କାଳ । ତୃଷାରେ ହୋଇଲା ଆକୁଳ ॥
ଜୀବନ ଗଲା ପ୍ରାପ୍ତ ହେଲା । ଅଶକ୍ତେ କୁମ୍ଭୀର ପଡ଼ିଲା ॥
ଏମନ୍ତ ସମୟରେ ତହିଁ । ଗଜ ଆସଇ ଜଳଖାଇ ॥

କୁମ୍ଭେକ ନାମେ ମତ୍ତହସ୍ତୀ । ସଙ୍ଗେ ତା ବାଳକ ଅଛନ୍ତି ॥
ଯୂଥ ତାଂ ବେଢ଼ ଗୋଷ୍ଠ ସଙ୍ଗେ । ଗଜ ଆସଇ ନାନାରଙ୍ଗେ ॥
କୁମ୍ଭୀର ପଡ଼ିଣ ଯେ ଥିଲା । ଦୂରକୁ ଅନାଇଣ ଦେଲା ॥
ଦେଖିଲା ଆଗେ ଗଜଯୂଥ । କୁମ୍ଭୀର ବଶ୍ୟରଇ ଚିତ୍ତ ॥
ଏଠାରେ ଉପାୟ କରିବ । ମଇଁଷ ବୋଲି ମୁଁ ବୋଲିବ ॥
ମଇଁଷ ବୋଲିବ ମୁଁ ଯେବେ । ସେ ମୋତେ ଉଦ୍ଧାରିବ ତେବେ ॥
ଏମନ୍ତ ବଶ୍ୟରୁଁ କୁମ୍ଭୀର । ଗଜ ହୋଇଲା ନିକଟର ॥
କୁମ୍ଭୀର ଉଚ୍ଚେ ଡାକ ଦେଇ । ମଇଁଷ ଆସ ବେଗ ହୋଇ ॥
ଆସ ମଇଁଷ ମୋର ପାଶ । କରିବ ଏକାନ୍ତ ବିଶ୍ୱାସ ॥
ମଇଁଷ ବୋଲି ଡାକେ ଯନ୍ତୁ । ଗଜ ଯେ ପାଲଟିଲା ଜନ୍ତୁ ॥
ସଙ୍ଗତେ ତାର ଯୂଥ ଥିଲେ । ଝପେଁ ଲେଉଟିଲ ବୋଇଲେ ॥
ଗଜ ବୋଇଲେ ଯୂଥମଣି । ତୁମ୍ଭର ଜ୍ଞାନ ନାହିଁ ପୁଣି ॥
ପୂର୍ବ ଜନ୍ମେ ତପ ନ କଲ । ସେ ପାଇଁ ପଶୁ ଜନ୍ମ ହେଲ ॥
ଅନ୍ୟଙ୍କ ଡାକେ ଯେଉଁ ପ୍ରାଣୀ । ତା ବାକ୍ୟ ଯେ ମୂର୍ଖ ନ ଶୁଣି ॥
କରଇ ତାହାକୁ ବିଶ୍ୱାସ । ଅନ୍ତେ ତା ଘୋର ନର୍କେ ବାସ ॥
ଶାସ୍ତ୍ରେ ଶୁଣିଛୁ ଏହା ମୂର୍ଖ । ଛାଡ଼ିବ ନ ପାରଇଁ ଯାଇ ॥

ତାର ନିକଟ ଯାଏଁ ଯିବ । ଉଚିତ ବାରତା ଶୁଣିବ ॥
ଏମନ୍ତେ ସୁତକୁ ମେଲାଣି । ଦେଇ ଚଳିଲା ଗଜମଣି ॥
କୁମ୍ଭୀର ନିକଟେ ମିଳିଲା । କି ଅର୍ଥେ ଡାକିଲ ବୋଇଲା ॥
କୁମ୍ଭୀର ବୋଲଇ ଗୋସାଇଁ । ଉଠିତ ନ ପାରଇଁ ଯାଇ ॥
ମଇତ୍ର ଉପାଏ ତୋ କର । ଏ କଷ୍ଟୁଁ ବାରେକ ଉଦ୍ଧର ॥
ଗଜ ବୋଇଲା ତାହା ଶୁଣି । କେମନ୍ତେ ମିତ୍ର ଅଟ ପୁଣି ॥
କୁମ୍ଭୀର ବୋଲେ ଶୁଣ କହୁ । ଯେରୂପେ ମିତ୍ର ଅଟୁ ତୁହୁ ॥
ଜଳରେ ମୁହିଁ ବଳିଆର । ତୁ ବଡ଼ ବନସ୍ତ ଭିତର ॥
ଏଣୁ ମଇତ୍ର ତୁହୁ ମୋର । କହିଲି ଶୁଣ ବାକ୍ୟ ସାର ॥
ସାନ ସାନର ବନ୍ଧୁ ମତି । ବଡ଼ ବଡ଼ର ଯେ ପୀରତି ॥
ଯେସନ୍ତେ ପାର ମୋତେ ନିଅ । ଗଭୀର ଜଳରେ ପକାଅ ॥
ଗଜ ତା ବାକ୍ୟ ପ୍ରତେ କଲା । ତା ପ୍ରାଣ ରକ୍ଷିବ ବାଞ୍ଛିଲା ॥
ମଇତ୍ରପଣ ପଛେ ଥାଉ । ଅଗେ କୁମ୍ଭୀର ପ୍ରାଣ ପାଉ ॥
ପୁଣ୍ୟ ଯେ ହୋଇବ ଅପାର । ବସିବ ବଇକୁଣ୍ଠପୁର ॥
ଏମନ୍ତ କରି ମନକୁ । ଗଲା କୁମ୍ଭୀର ନିକଟକୁ ॥
ବୋଲେ ମଇତ୍ର ବେଗେ ଆସ । ମୋହର ପିଠିପରେ ବସ ॥

ତୁମ୍ଭକୁ ବନ୍ଧ ଘେନିଯିବ । ଗମ୍ଭୀର ଜଳରେ ଛାଡ଼ିବ ॥
କୁମ୍ଭୀର ବଚନେ ବୋଲଇ । ଉଠି ଯିବାକୁ ଶକ୍ତି ନାହିଁ ॥
ତା ଶୁଣି ଗଜ ଦୟାକଲା । ଥୋର ଯୋଗରେ ତୋଳି ନେଲା ॥
ଦୁଇ ଦନ୍ତ ମଧ୍ୟେ ବସାଇ । ଚାଲଇ ଧୀର ଧୀର ହୋଇ ॥
ବ୍ୟଥା ପାଇବ ମୋର ମିତ୍ର । ଅପ୍ରାଧ ହୋଇବ ବହୁତ ॥
ଏବେ ବଡ଼ ସେ କୁମ୍ଭୀର । ଅତି ଗରିଷ୍ଠ ତା ଶରୀର ॥
ଛଅଶ ହାତ ଲମ୍ବ ହୋଇ । ଶଏ ହାତ ବିସ୍ତାର ଦେହୀ ॥
ଭଙ୍ଗା ପର୍ବତ ଖଣ୍ଡ ପ୍ରାଏ । ଗଜ ସଧୀରେ ଚଳିଯାଏ ॥
ସମୁଦ୍ର ନିକଟେ ମିଳିଲା । ମଇଷ ଯାଅ ହୋ ବଇଲା ॥
ଏଠାରେ ପହଁଞ୍ଚୁଏ ପାଣି । ମଇଷ କର ହୋ ମେଲାଣି ॥
ତା ଶୁଣି କୁମ୍ଭୀର ବୋଲଇ । ଶୁଣିମା ସାବଧାନ ହୋଇଁ ॥
ଆହୁର ଖଣ୍ଡେ ଦୂର ଯାଅ । ଗମ୍ଭୀର ଜଳରେ ପକାଅ ॥
ଗଜ ଯେ ସନମତ କଲା । ଆହୁର ଖଣ୍ଡେ ଦୂର ନେଲା ॥
ସୁଣ୍ଢି ନିଅନ୍ତେ ବୁଡ଼ା ଗ୍ରହ । ଗଜ ଶରୀର ଗଲା ବୁଡ଼ି ॥
ମଥାରେ ଛନ ଯେ ଅଙ୍କୁଲ । ଗଜର ଦଶେ ଥୋର ଅଳ ॥
ଲହରୀ ଆସେ ଯେତେବେଳେ । ଗଜ ବୁଡ଼ଇ ତେତେବେଳେ ।

ଲଂଘଣି ଭଣା ହେଲେ ତହିଁ । ଗଜ ଯେ ନିଶ୍ୱାସ ଛାଡ଼ଇ ॥
କୁମ୍ଭୀର ଡେଇଁଣ ପଡ଼ିଲା । ଗମ୍ଭୀର ଜଳରେ ବୁଡ଼ିଲା ॥
ବେଗେ ଧଇଲା ପାଦ ଚାରି । ଦାନ୍ତରେ ତଣ୍ଟି ତା କାମୋଡ଼ି ॥
କାମୋଡ଼ି କଚୁରେ ରୁଣ ଝୁଣ । ବୋଲଇ ଘେନିବ ତୋ ପ୍ରାଣ ॥
ସାଙ୍କୋଳି ଦେଲା ପ୍ରାଣେ କରି । ଚାରି ଚରଣ ଆଣ୍ଟେ ଧରି ॥
କୁମ୍ଭୀର ଆନନ୍ଦେ ବୋଲଇ । ଧନ୍ୟ ବିଧାତା ଅଟୁ ତୁହି ॥
ଛଅ ଦିନର ଉପବାସ । ଉତ୍ତମ ଦେଇଅଛ ଗ୍ରାସ ॥
ଖାଇବି ଅତି ତୁଷ୍ଟ ହୋଇ । ତୋଷ କରିବି ବନ୍ଧୁ ଭାଇ ॥
ଏମନ୍ତ ମନରେ ବିଚାରି । ଗଜକୁ ଅଛୁ ଆଣ୍ଟେ ଧରି ॥
ଘାଆରେ ଲୁଣାପାଣି ଲାଗି । ଗଜ ହୋଇଲା ଚିନ୍ତାଭାଗୀ ॥
ଗଜ ମନରେ ବିଚାରଇ । ଏ ମୂଢ଼ ପାପିଷ୍ଠ ଅଟଇ ॥
ଦେଖ ଏ ଅଘୋର ପାପିକ । ହୋଇଲା ବିଶ୍ୱାସ ଘାତକ ॥
ଏତେ ଅନ୍ୟାୟ ପୁଣି କଲି । ମୋ ପ୍ରାଣ ନେବାକୁ ବାଞ୍ଛିଲି ॥
[illegible] ଯେବେ [illegible] ଆଣନ୍ତୁ ବନ୍ଧୁ । ତୁମ୍ଭଠାରେ ଯାଆନ୍ତା ମିଳାଇ ॥
କାକ ଯେ ଶୃଗାଳ ରକ୍ଷନ୍ତେ । ଶଶୀରେ ବୁଝି ପଡ଼ିଯାନ୍ତେ ॥
ଧୂର୍ତ୍ତଙ୍କ ବୋଲ ମୁଁ ନ କଲି । ଏହାକୁ ବନ୍ଧୁଣ ଆସିଲି ॥

ଏକାଳେ ହୋଇଲି ପାପିଷ୍ଠ । ଇଷ୍ଟଦ୍ବେଷେ ମୋତେ କଲ ନଷ୍ଟ ॥
ଶରୀରେ ଜ୍ଞାନ ଉପୁଜିଲା । ପୂର୍ବର କଥା ସୁମରିଲା ॥
ଗଜ ବିଚାର କରେ ମନେ । ଯେକାଳେ ଥିଲି ଗୋବର୍ଦ୍ଧନେ ॥
ଶତସିଂହ ପର୍ବତ ପରେ । ଥିଲି ମୁଁ ଯେବଣ କାଳରେ ॥
ସେସ୍ଥାନେ ଯେତେ ମୁନି ଥିଲେ । ମୋତେ ଦେଖିଣ ଭସ୍ମ କଲେ ॥
ମୁହିଁ ମାରିବି ବୋଲି ଡରି । ଭୁଣ୍ଡ ହୋଇଲେ ତପସ୍ବୀର ॥
ମୁନି ହୁଅନ୍ତି କୁହାକୁହି । ଅହଙ୍କାରେ ଗଜରାହି ॥
ଅବଶ୍ୟ ରଖନ୍ତୁ ଗୋସାଇଁ । ଏଥିଁ ଅତଙ୍କ ଆଉ ନାହିଁ ॥
ସେକଥା ବଢ଼ିବ ମୁଁ ଥରେ । ତେବେ ପ୍ରତେ ଯିବ ମନରେ ॥
ଏଠାରୁ ଉବୁରିବ ଯେବେ । ଗଜ ମୋକ୍ଷଣ ନାମ ତେବେ ॥
ଏମନ୍ତ ମନେ ବିଚାରିଲା । ଜଗନ୍ନାଥଙ୍କୁ ଚିନ୍ତାକଲା ॥
ଥୋଇ ଶୁଣ୍ଢରେ ଦଣ୍ଡିଲା । ପଦ୍ମନାଡ଼ୁଁ ଏକ ପାଇଲା ॥
ତୋଳି ଧଇଲା ପଦ୍ମନାଡ଼ । ଡାକିଲା ରଖ ଆଦିମୂଳ ॥
ରକ୍ଷ ହେ ଦେବକୀ ନନ୍ଦନ । ରକ୍ଷ ହେ ଶ୍ରୀମଧୁସୂଦନ ॥
ରଖ ହେ ଦେବ ଦଇତାରି । କୁମ୍ଭୀର ପାଶରୁ ଉଦ୍ଧାରି ॥
ତୁ ନାଥ ନ ରଖିବୁ ଯେବେ । ନିଶ୍ଚେ ପ୍ରାଣ ଯିବ ତେବେ ॥

ଅନ୍ୟାୟ୍ୟ ହୋଇଲା ଗୋସାଇଁ । ଜଳର ଜୀବ ମୁ ନୁହଇ ॥
ବିଶ୍ୱାସ କରି ମୋତେ ଆଣି । ଏବେ ସେ ମାରୁଅଛୁ ପୁଣି ॥
ତୋହର ରୂପ ଦେଖି ନାହିଁ । ଗୁରୁ ମୁଖରୁ ଶୁଣି ନାହିଁ ॥
ମୁଁ ଭିଏ କହୁଥାନ୍ତି ପଥେ । ଆତଙ୍କକାଳେ ଜଗନ୍ନାଥେ ॥
ଆତଙ୍କ ନାଶନ ତୋ ବାନା । ବାରେକ ରଖ ବକ୍ରସେନା ॥
ଶରଣ ରକ୍ଷଣ ମୁରାରି । ଏ କଷ୍ଟୁଁ ରଖ ହେ ଉଦ୍ଧରି ॥
ଗୋବିନ୍ଦ ଗୋବିନ୍ଦ ଗୋସାଇଁ । ତୋ ବିନୁ ଅନ୍ୟ ଆଶା ନାହିଁ ॥
ଏମନ୍ତେ ଉଚ୍ଚ ନାଦ କରି । ଗଜ ଡାକଇ ନରହରି ॥
ଦ୍ୱାରକା ଅଶିଶସ୍ତ ଯୁଣ । ଲକ୍ଷ୍ମୀଙ୍କ ସଙ୍ଗେ ନାରାୟଣ ॥
ପଶା ଖେଳନ୍ତି ଯଦୁପତ । ଦାନ ପଡ଼ିଛୁ ପଞ୍ଚ ଆଠ ॥
ଲକ୍ଷ୍ମୀ ବାହୁଡ଼ିବେ ଯେବେ ସାର । ହାରିବେ ପ୍ରଭୁ ଚକ୍ରଧର ॥
ଖେଳର ଦାନମାନ କାଳେ । ଗଜ ଯେ ଡାକିଲା ବିକଳେ ॥
ସେ ଡାକ କର୍ଣ୍ଣରେ ଶୁଣିଲେ । ରଖିଲି ରଖିଲି ବୋଇଲେ ॥
ତକ୍ଷଣେ ସୁଦର୍ଶନ ଝାଇ । ପେଷିଲେ ବ୍ରହ୍ମାଣ୍ଡ ଗୋସାଇଁ ॥
ଚକ୍ର ତୁହି ଅତି ବେଗେ ଯିବୁ । କୁମ୍ଭୀର ତଣ୍ଡିରେ ପଡ଼ିବୁ ॥
ଛିଡ଼ିବ ଦୁଇଖଣ୍ଡ ହୋଇ । ମୋ ଗଜ ଦେବୁ ମୁକୁଳାଇ ॥

ଅଙ୍କ ମାତ୍ରକେ ଚକ୍ର ଗଲା । କୁମ୍ଭୀର ତଣ୍ଟିରେ ପଡ଼ିଲା ॥
ଛିଡ଼ିଲା ବେଖଣ୍ଡ ହୋଇ । ଗଜ ଚଳିଲା ପ୍ରାଣ ପାଇ ॥
ଚକ୍ର ସମୁଦ୍ରେ ସ୍ନାନ କଲା । ପ୍ରଭୁଙ୍କ ଚରଣେ ମିଳିଲା ॥
ଚକ୍ରକୁ ଅନାଇଁ ଗୋସାଇଁ । ବୋଇଲେ ରଖିଲଉ ଭୁହ ॥
ଲକ୍ଷ୍ମୀ ବୋଲନ୍ତି ମହାବାହୁ । କେତେହେଁ ମିଥ୍ୟା ପ୍ରଭୁ କହୁ ॥
କେଣେଲେ ହାରିଛ ଯଦୁମଣି । ମୋତେ ଯେ ଭଣ୍ଡିଲେଡ଼ୁ ଥୁଣି ॥
ଗୋପ ଯୁବତୀ ମୁ ନୁହଇ । ଭଣ୍ଡିବ ମୁରଲୀ ବଜାଇ ॥
ମଥୁରା ନଗ୍ରେ ଜାତ ହୋଇ । ଗୋପୀ ଗୋପେ ମୋହିଲ ଯାଇ ॥
ହସ୍ତିଆ ନାମନ୍ତ କୁମ୍ଭୀର । ମୋତେ ନ ଭଣ୍ଡ ଚକ୍ରଧର ॥
ରାଜସୂୟ ଯଜ୍ଞ ସଭାଠାରେ । ରାଜା ଯୁଧିଷ୍ଠିରଙ୍କ ଆଜ୍ଞାରେ ॥
କହେ ତୁ ଯୋଡ଼ା ବେଢ ଧରି । ନ୍ୟାମ ଅର୍ଜିଲ ପତିହାରୀ ॥
ଧର୍ମସ୍ତ ଜାଣେ ମୁ ଗୋସାଇଁ । ମୋଠାରେ ଗୁପ୍ତ କିଛି ନାହିଁ ॥
ବୋଲନ୍ତି ପ୍ରଭୁ ଦଇତାରି । ଶୁଣ ଗୋ ସୁନ୍ଦର କୁମାରୀ ।
ଅଶି ସହସ୍ର ଯୁଣ ଦୂର । ଗଜକୁ ଧରିଲା କୁମ୍ଭୀର ॥
ସେ ମୋତେ ଆତଙ୍କେ ଡାକିଲା । ରକ୍ଷ ହେ ଗୋବିନ୍ଦ ବୋଇଲା ॥
ତକ୍ଷଣେ ସୁଦର୍ଶନ ଗଲ । ଗଜକୁ ଦେଲ ମୁକୁଳାଇ ॥

ବିଶ୍ବାସ କରି ଯେ ଡାକଇ । ଲକ୍ଷେ ଯୋଜନ ଦୂରେ ଥାଇ ॥
ନିକଟେ ଥିଲା ପ୍ରାୟେ ଜାଣ । ସେ ଡାକ ଶୁଣଇ ମୋ କର୍ଣ୍ଣ ॥
ଲକ୍ଷ୍ମୀ ବୋଲନ୍ତି ଶ୍ରୀବତ୍ସାଙ୍କୀ । ଦେଖିବି ସେସ୍ଥାନକୁ ଯାଇ ॥
ନନ୍ଦନ ମନ ପ୍ରଛେ ଯିବେ । ଗଜ ମକ୍ଷଣ ବାଳ୍ୟ ହେବେ ॥
ଅନେକ ଦୂରର ବାରତା । ମୋତେ ଏ ଅଗୋଚର କଥା ॥
ତକ୍ଷଣେ ଶ୍ରୀମଧୁସୂଦନ । ଚାଇଲେ ବିନତା ନନ୍ଦନ ॥
ଗରୁଡ଼ ଆସି ପ୍ରଣମିଲା । ଆନନ୍ଦେ ଶିରେ କର ଦେଲା ॥
ଲକ୍ଷ୍ମୀଙ୍କି ଘେନି ଶ୍ରୀବତ୍ସାଙ୍କୀ । ବିଜୟେ ତା ପିଠିରେ ଯାଇ ॥
ବିନତା ସୁତ ବିକ୍ରମିଲା । ସମୁଦ୍ର ତଟରେ ମିଳିଲା ॥
ଦେଖିଲେ ସମୁଦ୍ରର ଜଳ । ରୁଧିରେ ହୋଇଛି ଆବିଳ ॥
ରମ୍ଭୀର ବେଣୀଖଣ୍ଡ ହୋଇ । ଚାପଇ ଶିଖୀ ପ୍ରାୟ ତହିଁ ॥
ଲକ୍ଷ୍ମୀ ତା ନୟନେ ଦେଖିଲେ । ଲଜ୍ଜାରେ ବଦନ ଘୋଡ଼ଇଲେ ॥
ବିନୟେ ହାତ ଯୋଡ଼ି କରି । ବୋଲନ୍ତି ସିନ୍ଧୁରକୁମାରୀ ॥
[illegible] ସ୍ତ୍ରୀଜନ୍ମ ହୋଇ । ଧର୍ମ ଅଧର୍ମ ନ ଯାଣଇ ॥
ମୋର ଅପରାଧ କ୍ଷମା କର । ମୁଁ ତୁମ୍ଭ ପଦରେ କିଙ୍କର ॥
ସେଠାରୁ ଦୁହେଁ ବାହୁଡ଼ିଲେ । ନିଜ ବାଟରେ ଦେଖିଲେ ॥

ଗଂଜ ଅନେକ କଲ ସ୍ତୁତି । ମେଲାଣି ଦେଲେ ଲକ୍ଷ୍ମୀପତି ॥
ତକ୍ଷଣେ ବାହୁଡ଼ା ହଜନ୍ତେ । ଦ୍ୱାରକାପୁରେ ଦେବସ୍ୱୟମ୍ଭୁ ॥
ଗରୁଡ଼ ପିଠିରୁ ଉତ୍ତର । ଶୀତଳମଣୋହର ଖାଇ ॥
ନିସ୍ତୁର ତାମ୍ବୁଲ ଭୁଞ୍ଜିଲେ । ରତ୍ନ ପଲଙ୍କେ ପହୁଡ଼ିଲେ ॥
ଲକ୍ଷ୍ମୀ ସେବୁଛନ୍ତି ଚରଣ । ମନ ଆନନ୍ଦ ଦେବଜଣ ॥
ସୁଜନମାନେ ଏହା ଶୁଣି । ତରିବ ଭବ ତରଙ୍ଗିଣୀ ॥
ଯେ ଏହା ପଢ଼ନ୍ତି ଶୁଣନ୍ତି । କୋଟି ପୁରୁଷ ଉଦ୍ଧାରନ୍ତି ॥
ଗୋହତ୍ୟା ବ୍ରହ୍ମହତ୍ୟାମାନ । ଖଣ୍ଡନ୍ତି ପ୍ରଭୁ ଭଗବାନ ॥
ଅପୁତ୍ରି ଏହା ଯେ ଶୁଣଇ । ପୁତ୍ର ପ୍ରାପତ ତାର ହୋଇ ॥
ବନ୍ଧ୍ୟା ଐଶ୍ୱର୍ଯ୍ୟ ପସ୍ୱପତ । ଅନ୍ତେ ଗମଇ ବିଷ୍ଣୁ ପଥ ॥
[illegible]ପ୍ର ଜଗନ୍ନାଥ । ଅଷ୍ଟମସ୍କନ୍ଧେ ଭାଗବତ ॥

ଇତି ଶ୍ରୀ ଗଜସ୍ତୁତି ସମାପ୍ତ ।

